# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 13th December - 2024

### News Editor : *Tapan Kumar Maharana*

*********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଥିବା ମୁଖ୍ୟ ଶାସନ ସଚିବଙ୍କ ଜାତୀୟ ସମ୍ମିଳନୀରେ ଅଧ୍ୟକ୍ଷତା କରିବେ ପ୍ରଧାନମନ୍ତ୍ରୀ ।

- ମାଲକାନଗିରି, କୋରାପୁଟ ଓ ସମ୍ବଲପୁରକୁ ଆଜିଠାରୁ ତିନିଦିନିଆ ଗସ୍ତରେ ଗଲେ ମୁଖ୍ୟମନ୍ତ୍ରୀ ।

- କୋଣାର୍କ ଇକୋ ରିଟ୍ରିଟ୍‌କୁ ଆଜି ଉଦ୍‌ଘାଟନ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

- ବି.ଜେ.ପି. ପ୍ରାର୍ଥୀ ସୁଜିତ କୁମାର ରାଜ୍ୟସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ।

ଏବଂ

- ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ହାଇକୋର୍ଟ ସମେତ ରାଜ୍ୟର ବିଭିନ୍ନ ଅଦାଲତରେ ଆସନ୍ତାକାଲି ହେବ ଅନୁଷ୍ଠିତ ।

***Desk***

# ମୁଖ୍ୟଶାସନ ସଚିବ ବୈଠକ

ମୁଖ୍ୟ ଶାସନ ସଚିବମାନଙ୍କ ଦୁଇଦିନିଆ ଜାତୀୟ ସମ୍ମିଳନୀ ଆସନ୍ତାକାଲିଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ସମ୍ମିଳନୀରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନସଚିବ ତଥା ବରିଷ୍ଠ ଅଧିକାରୀମାନେ ଯୋଗଦେବେ। ସମ୍ମିଳନୀରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର କାର୍ଯ୍ୟକାରିତା ବିଷୟରେ ଆଲୋଚନା ହେବ। ଏହାସହ ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ଉଦ୍ୟମିତା, ଦକ୍ଷତା ବିକାଶ, ନବୀକରଣ ଉର୍ଜା, ନିରନ୍ତର ବିକାଶ ଆଦି ଲକ୍ଷ୍ୟ ହାସଲ ପାଇଁ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମଧ୍ଯ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି।

***Malkangiri/R***

# ମୁଖ୍ୟମନ୍ତ୍ରୀ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠାରୁ ମାଲକାନଗିରି, କୋରାପୁଟ ଓ ସମ୍ବଲପୁରକୁ ତିନିଦିନିଆ ଗସ୍ତରେ ଯାଇଛନ୍ତି। ମାଲକାନଗିରି ଜିଲ୍ଲା ସଦର ମହକୁମାସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆଠାରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି

ମେଳାକୁ ମୁଖ୍ୟମନ୍ତ୍ରୀ  ଆଜି ଉଦ୍‌ଘାଟନ କରିଛନ୍ତି । ଏହି ମେଳାରେ ବିଭିନ୍ନ ବିଭାଗଦ୍ୱାରା ମୋଟ ୪୪ଟି ଷ୍ଟଲ୍ ଖୋଲାଯାଇଥିବାବେଳେ ଏହା ଆସନ୍ତା ୧୭ ତାରିଖ ଦିନ ଉଦ୍‌ଯାପିତ ହେବ । ଆଉ କିଛି ସମୟ ପରେ ପଲ୍ଲୀଶ୍ରୀ ମେଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବେ । ଏଥିସହ ସରକାରୀ ଏବଂ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ଅନ୍ୟପକ୍ଷରେ କୋରାପୁଟରେ ଅନୁଷ୍ଠିତ ହେବାକୁ ଥିବା ଲୋକମହୋତ୍ସବ 'ପରବ'ରେ ଯୋଗଦେବେ । ସେହିପରି ସମ୍ବଲପୁରରେ ଅନେକ ସରକାରୀ ଓ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦାନ କରି ମୁଖ୍ୟମନ୍ତ୍ରୀ ରାଜ୍ୟ ଓ ଜିଲ୍ଲାର ବିକାଶ କାର୍ଯ୍ୟକ୍ରମର ସମୀକ୍ଷା କରିବେ ବୋଲି ଜଣାପଡ଼ିଛି ।

***BBSR/R***

# ନିଯୁକ୍ତିମେଳା

ରାଜ୍ୟରେ ଉତ୍ତମ ସ୍ୱାସ୍ଥ୍ୟସେବାପାଇଁ ଭିତ୍ତିଭୂମି ଓ ପ୍ରଶିକ୍ଷିତ ମାନବ ସମ୍ବଳର ଆବଶ୍ୟକତା ରହିଛି । ଉଭୟ ସମସ୍ୟାର ସମାଧାନପାଇଁ ରାଜ୍ୟ ସରକାର ଯୋଜନାବଦ୍ଧଭାବେ କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନଠାରେ ଆୟୋଜିତ ନିଯୁକ୍ତି ମେଳାରେ ମୁଖ୍ୟମନ୍ତ୍ରୀ ଆଜି ସ୍ୱାସ୍ଥ୍ୟ ଓ ଉଚ୍ଚଶିକ୍ଷା ବିଭାଗର ୩୭୬ ଜଣ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବା ଅବସରରେ କହିଛନ୍ତି । ଚଳିତ ବର୍ଷ ସ୍ୱାସ୍ଥ୍ୟ ବଜେଟ୍‌ରେ ପୂର୍ବବର୍ଷ ତୁଳନାରେ ୩୨ ପ୍ରତିଶତ ଅଧିକ

ବ୍ୟୟବରାଦ ହୋଇଛି । ଆଗାମୀ ୫ ବର୍ଷ ମଧ୍ୟରେ ରାଜ୍ୟର ସମସ୍ତ ଜିଲ୍ଲାରେ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍ ପ୍ରତିଷ୍ଠା କରାଯିବ । କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନା ସହିତ ରାଜ୍ୟ ସରକାରଙ୍କ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।  ଖୁବ୍‌ଶୀଘ୍ର ସରକାରୀ ଡାକ୍ତରଖାନାଗୁଡ଼ିକରେ ଫାର୍ମାସୀ ଅଫିସର ନିଯୁକ୍ତ ହେବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତଙ୍କୁ ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ଆଣିବା ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି। ନବନିଯୁକ୍ତଙ୍କ ମଧ୍ୟରେ ୮୫ ଜଣ ହୋମିଓପାଥିକ୍ ମେଡ଼ିକାଲ ଅଫିସର, ୨୩୯ ଜଣ ରେଡିଓଗ୍ରାଫର ଏବଂ ୫୨ ଜଣ ଅଧ୍ୟାପକ ନିଯୁକ୍ତିପତ୍ର ଗ୍ରହଣ କରିଛନ୍ତି।

***BBSR/R***

# ନିଯୁକ୍ତିମେଳା

ରାଜ୍ୟରେ ଉତ୍ତମ ସ୍ୱାସ୍ଥ୍ୟସେବାପାଇଁ ଭିତ୍ତିଭୂମି ଓ ପ୍ରଶିକ୍ଷିତ ମାନବ ସମ୍ବଳର ଆବଶ୍ୟକତା ରହିଛି । ଉଭୟ ସମସ୍ୟାର ସମାଧାନପାଇଁ ରାଜ୍ୟ ସରକାର ଯୋଜନାବଦ୍ଧଭାବେ କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନଠାରେ ଆୟୋଜିତ ନିଯୁକ୍ତି ମେଳାରେ ମୁଖ୍ୟମନ୍ତ୍ରୀ ଆଜି ସ୍ୱାସ୍ଥ୍ୟ ଓ ଉଚ୍ଚଶିକ୍ଷା ବିଭାଗର ୩୭୬ ଜଣ

ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବା ଅବସରରେ କହିଛନ୍ତି । ଚଳିତ ବର୍ଷ ସ୍ୱାସ୍ଥ୍ୟ ବଜେଟ୍‌ରେ ପୂର୍ବବର୍ଷ ତୁଳନାରେ ୩୨ ପ୍ରତିଶତ ଅଧିକ ବ୍ୟୟବରାଦ ହୋଇଛି । ଆଗାମୀ ୫ ବର୍ଷ ମଧ୍ୟରେ ରାଜ୍ୟର ସମସ୍ତ ଜିଲ୍ଲାରେ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍ ପ୍ରତିଷ୍ଠା କରାଯିବ । କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନା ସହିତ ରାଜ୍ୟ ସରକାରଙ୍କ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।  ଖୁବ୍‌ଶୀଘ୍ର ସରକାରୀ ଡାକ୍ତରଖାନାଗୁଡ଼ିକରେ ଫାର୍ମାସୀ ଅଫିସର ନିଯୁକ୍ତ ହେବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତଙ୍କୁ ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ଆଣିବା ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି। ନବନିଯୁକ୍ତଙ୍କ ମଧ୍ୟରେ ୮୫ ଜଣ ହୋମିଓପାଥିକ୍ ମେଡ଼ିକାଲ ଅଫିସର, ୨୩୯ ଜଣ ରେଡିଓଗ୍ରାଫର ଏବଂ ୫୨ ଜଣ ଅଧ୍ୟାପକ ନିଯୁକ୍ତିପତ୍ର ଗ୍ରହଣ କରିଛନ୍ତି।

***Desk***

## ରତ୍ନଭଣ୍ଡାର

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି ନେଇ ଆଜି ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ଭେକ୍ଷଣ ସଂସ୍ଥା (ଏ.ଏସ୍.ଆଇ)

ଭିତର ଓ ପରେ ବାହାର ରତ୍ନଭଣ୍ଡାର ମରାମତି କାର୍ଯ୍ୟ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିର ପ୍ରଶାସନର ମାର୍ଗଦର୍ଶିକା ଅନୁସାରେ ମରାମତି କରାଯିବ। ମରାମତି କାର୍ଯ୍ୟ ଦ୍ୱିତୀୟ ଭୋଗମଣ୍ଡପ ନୀତି ପରେ ଆରମ୍ଭ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ଶ୍ରୀଜୀଉଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ନୀତିକାନ୍ତିକୁ ଗୁରୁତ୍ୱ ଦିଆଯିବ ବୋଲି ବୈଠକରୁ ଜଣାପଡ଼ିଛି। ମରାମତି ସମୟରେ ଡାକ୍ତରୀ ଟିମ୍, ଅଗ୍ନିଶମ କର୍ମଚାରୀ, ପୁଲିସ୍ ମୃତୟନ ନେଇ ବିସ୍ତୃତ ଭାବେ ଆଲୋଚନା ହୋଇଛି। ସୂଚନା ଅନୁସାରେ ପୂର୍ବରୁ ଛତିଶା ନିଯୋଗ ବୈଠକରେ ଆସନ୍ତା ୧୭ ତାରିଖଠାରୁ ମରାମତି କାର୍ଯ୍ୟ ଆରମ୍ଭ ହେବାନେଇ ନିଷ୍ପତ୍ତି ହୋଇଥିଲା।

***BBSR/R***

## ପଞ୍ଚାୟତ ପୁରସ୍କାର

ଭୁବନେଶ୍ୱରସ୍ଥିତ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପପଞ୍ଚ୍କଚାୟତିରାଜ ପ୍ରତିଷ୍ଠାନର ବଳରାମ ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜାତୀୟ ପଞ୍ଚାୟତ ପୁରସ୍କାର-୨୦୨୪ର ବିଜେତାଙ୍କୁ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ସମ୍ବର୍ଦ୍ଧିତ କରିଛନ୍ତି । ଏହି ଅବସରରେ ସେ ଏହାକୁ ସମଗ୍ର ରାଜ୍ୟପାଇଁ ଏକ ପ୍ରେରଣାର ବିଷୟ ବୋଲି ଅଭିହିତ କରିବା ସହ ବିକଶିତ ଓଡ଼ିଶା ଗଠନର ମୂଳଦୁଆ ବୋଲି କହିଛନ୍ତି । ସୂଚନାଯୋଗ୍ୟ,

ଜାତୀୟ ପଞ୍ଚାୟତ ପୁରସ୍କାର-୨୦୨୪ ଅଧୀନରେ ୭ଟି ବର୍ଗରେ ଓଡ଼ିଶାକୁ ପୁରସ୍କୃତ କରାଯାଇଛି ।

***Puri/R***

# ଇକୋ ରିଟ୍ରିଟ୍

କୋଣାର୍କ ଇକୋ ରିଟ୍ରିଟ୍‌କୁ ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରିଛନ୍ତି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ପୁରୀ-କୋଣାର୍କ ବେଳାମାର୍ଗ ମୁଖ୍ୟ ରାସ୍ତା ନିକଟ ରାମଚଣ୍ଡୀ ମୁହାଣ ନିକଟରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଇକୋ ରିଟ୍ରିଟ୍‌ର ଷଷ୍ଠ ସଂସ୍କରଣର ଆୟୋଜନ କରାଯାଇଛି। ଏହି ଇକୋ ରିଟ୍ରିଟ୍‌ରେ ୩୦ଟି ଡିଲକ୍ସ କଟେଜ୍, ୨୦ଟି ପ୍ରିମିୟମ୍ କଟେଜ୍ ଭଳି ସମୁଦାୟ ୭୦ଟି ତମ୍ବୁଘର ନିର୍ମାଣ କରାଯାଇଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଜଳକ୍ରୀଡ଼ା ତଥା ମନୋରଞ୍ଜନର ବ୍ୟବସ୍ଥା ହୋଇଛି। ଆସନ୍ତା ୧୫ ତାରିଖ ରବିବାର ଦିନଠାରୁ ପୂର୍ବରୁ ବୁକିଂ କରିଥିବା ପର୍ଯ୍ୟଟକମାନେ ତମ୍ବୁଘରରେ ରହିପାରିବେ।

ଗତ ପହିଲାରୁ ରାଜ୍ୟର ୬ଟି ସ୍ଥାନରେ ଇକୋ ରିଟ୍ରିଟ୍ ଆରମ୍ଭ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ କୋରାପୁଟ ଜିଲ୍ଲାର ପୁଟସିଲ, ଗଞ୍ଜାମର ସୁନାପୁର, ଭିତରକନିକା, ଦାରିଙ୍ଗିବାଡି, ସାତକୋଶିଆ ଓ ହୀରାକୁଦରେ ଇକୋ-ରିଟ୍ରିଟ୍ ଆରମ୍ଭ ହୋଇ ମାର୍ଚ୍ଚ ମାସ ୧ ତାରିଖ ପର୍ଯ୍ୟନ୍ତ ଚାଲିବ।

*Desk*

## ରାଷ୍ଟ୍ରୀୟ ଲୋକ ଅଦାଲତ

ରାଜ୍ୟରେ ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତାକାଲି ଅନୁଷ୍ଠିତ ହେବ। ଓଡ଼ିଶା ହାଇକୋର୍ଟ ସମେତ ରାଜ୍ୟର ବିଭିନ୍ନ ଅଦାଲତରେ ମାମଲାଗୁଡ଼ିକର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯିବ । ଏହି ଲୋକ ଅଦାଲତପାଇଁ ପ୍ରାୟ ଦେଢ଼ଲକ୍ଷ ମାମଲା ତାଲିକାଭୁକ୍ତ ହୋଇଛି । ଉଚ୍ଚ ନ୍ୟାୟାଳୟର ୯ଟି କୋର୍ଟରେ ପୂର୍ବାହ୍ନ ୧୧ଟାରୁ ମାମଲାଗୁଡ଼ିକର ଶୁଣାଣି ହେବ । ଏହି ଲୋକ ଅଦାଲତରେ ସମସ୍ତ ପ୍ରକାରର ପ୍ରାକ୍ ତଥା ବିଚାରାଧୀନ ମୋକଦ୍ଦମାଗୁଡ଼ିକର ଆପୋଷ ସହମତିରେ ସମାଧାନ ହୋଇପାରିବ। ଜିଲ୍ଲା ଆଇନସେବା ପ୍ରାଧିକରଣ ଓ ସମସ୍ତ ତାଲୁକ ଆଇନସେବା କମିଟି ପରିସରରେ ପୂର୍ବାହ୍ନ ୧୦ଟା ସମୟରେ ଲୋକ ଅଦାଲତ ଆରମ୍ଭ ହେବ ।

*Ganjam/R*

## ମାଧୋସିଂ ହାତଖର୍ଚ୍ଚ

ଗଞ୍ଜାମ ଜିଲ୍ଲାରେ ଅଢ଼େଇ ହଜାରରୁ ଅଧିକ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ମାଧୋସିଂ ହାତଖର୍ଚ୍ଚ ପାଇବେ । ଆସନ୍ତା ୩୧ ତାରିଖରେ

ପ୍ରୋତ୍ସାହନ ରାଶି ଭାବେ ୫ ହଜାର ଟଙ୍କା ପ୍ରଦାନ କରାଯିବ । ଏହି ଯୋଜନା ଅନ୍ତର୍ଗତ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ଅଷ୍ଟମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇ ନବମ ଏବଂ ଦଶମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇ ଏକାଦଶ ଶ୍ରେଣୀରେ ସରକାରୀ ଅନୁଦାନ ବିଦ୍ୟାଳୟରେ ନାମ ଲେଖାଇବା ପରେ ସେମାନଙ୍କୁ ଏହି ରାଶି ମିଳିବ । ଏପର୍ଯ୍ୟନ୍ତ ଜିଲ୍ଲାରେ ନବମ ଶ୍ରେଣୀର ୧ ହଜାର ୭୨୮ ଜଣ ଅନ୍‌ଲାଇନ୍‌ରେ ଆବେଦନ କରିଥିବାବେଳେ ୧ ହଜାର ୪୧୯ ଜଣ ଏହି ହାତଖର୍ଚ୍ଚ ପାଇବାପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେହିପରି ଏକାଦଶ ଶ୍ରେଣୀରେ ୨ ହଜାର ୯୯ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧ ହଜାର ୮୪ ଜଣ ଯୋଗ୍ୟ ବିବେଚିତ ହୋଇଥିବା ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି ।

***Nayagarh/R***

# ଆପାର କାର୍ଯ୍ୟକ୍ରମ

ନୂତନ ଶିକ୍ଷାନୀତି-୨୦୨୦ ଓ 'ଗୋଟିଏ ଦେଶ, ଗୋଟିଏ ଷ୍ଟୁଡେଣ୍ଟ ଆଇ.ଡି.' ଅଧୀନରେ ଶିକ୍ଷା ମନ୍ତ୍ରଣାଳୟର ଛାତ୍ରଛାତ୍ରୀଙ୍କ ସମସ୍ତ ତଥ୍ୟ ଗୋଟିଏ ନମ୍ବର ମାଧ୍ୟମରେ ପଞ୍ଜୀକରଣ କରିବାପାଇଁ 'ଆପାର' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହି ଯୋଜନା ଅଧୀନରେ ନୟାଗଡ଼ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ୮ଟି ବ୍ଲକ୍‌ରେ ସ୍ୱତନ୍ତ୍ର 'ଆପାର' ଶିବିରର ଆୟୋଜନ କରାଯାଇ ଛାତ୍ରଛାତ୍ରୀଙ୍କ ସମସ୍ତ ତଥ୍ୟ ପଞ୍ଜୀକରଣ କରାଯାଉଛି । ବର୍ତ୍ତମାନ ସୁଦ୍ଧା

ଜିଲ୍ଲାରେ ୨୮ ପ୍ରତିଶତ ଛାତ୍ରଛାତ୍ରୀଙ୍କ 'ଆପାର' ପଞ୍ଜୀକରଣ କରାଯାଇଥିଲାବେଳେ ଚଳିତ ମାସ ଶେଷ ସୁଦ୍ଧା ଏହି କାର୍ଯ୍ୟ ଶେଷ କରାଯିବ ବୋଲି ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ, 'ଆପାର ଆଇ.ଡି.'ରେ ଛାତ୍ରଛାତ୍ରୀଙ୍କ ସମସ୍ତ ଶିକ୍ଷାଗତ ତଥ୍ୟ, କ୍ରୀଡ଼ା ଦକ୍ଷତା, ଅନ୍ୟାନ୍ୟ କ୍ଷେତ୍ରରେ ପାରଦର୍ଶିତାର ସମସ୍ତ ତଥ୍ୟ ରହିବ ।

***Puri/R***

# ଆଦର୍ଶ ଗ୍ରାମ

ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଅଧୀନସ୍ଥ ଧଳେଶ୍ୱର ଗ୍ରାମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଗ୍ରାମର ସଡ଼କ, ପାନୀୟଜଳ, ଶିକ୍ଷା ଓ ଆଲୋକୀକରଣ କ୍ଷେତ୍ରର ବିକାଶପାଇଁ ପ୍ରାୟ ୪୦ ଲକ୍ଷ ଟଙ୍କା ବିନିଯୋଗ ହେବ ।

***Deogarh/R***

# ମୌଳିକ ସାକ୍ଷରତା

ଦେବଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦିଗ୍‌ଦର୍ଶନ କମିଟି ଓ ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟ୍ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତରେ ଅନୁଷ୍ଠିତ ବୈଠକରେ ପ୍ରତ୍ୟେକ ପ୍ରାଥମିକ

ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କର ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସୁଦୃଢ଼ ପାଇଁ ଗୁରୁତ୍ୱାରୋପ କରାଯାଇଥିଲା ।

*Nayagarh/R*

## ପଠାଣି ସାମନ୍ତ ଜୟନ୍ତୀ

ନୟାଗଡ଼ ଜିଲ୍ଲା ସାମନ୍ତ ଚନ୍ଦ୍ରଶେଖର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କ ୧୯୦ତମ ଜୟନ୍ତୀ ଆଜି ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ବିଧାୟକ ଡକ୍ଟର ଅରୁଣ କୁମାର ସାହୁ, ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ପଠାଣି ସାମନ୍ତଙ୍କ ଅସାଧାରଣ ପାଣ୍ଡିତ୍ୟ ତଥା ପାରଦର୍ଶିତା ଉପରେ ଆଲୋକପାତ କରିଥିଲେ ।

*****